# NATIONAL NEWS BULLETIN (ODIA)

**30 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ

– ସନ୍ଧ୍ୟାରେ ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ୍ ବୈଠକ ବସିବା ସମ୍ଭାବନା

- ଅକ୍ଷୟ ତୃତୀୟ ଅବସରରେ ଆଜିଠାରୁ ଆରମ୍ଭ ହେଲା ଚାର୍‌ଧାମ୍ ଯାତ୍ରା ।

- ଆନ୍ଧ୍ରପ୍ରଦେଶ କାନ୍ଥଭୁଶୁଡ଼ିବା ଘଟଣା ଓ କୋଲକାତା ହୋଟେଲ ଅଗ୍ନିକାଣ୍ଡ ଘଟଣାରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକ ପ୍ରକାଶ

- ବାସବ ଜୟନ୍ତୀ ଅବସରରେ ଜଗତଗୁରୁ ବସବେଶ୍ୱରଙ୍କ କୃତିକୁ ସ୍ମରଣ କଲେ ପ୍ରଧାନମନ୍ତ୍ରୀ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ଚେନ୍ନାଇ ସୁପର କିଙ୍ଗସ୍ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମ୍ୟାଚ୍

---

## କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଛି । ପହଲଗାମ

ଆତଙ୍କବାଦୀ ଆକ୍ରମଣ ପରେ ଏହା ହେଉଛି ପ୍ରଥମ କ୍ୟାବିନେଟ୍ ବୈଠକ । ଆଜି ଅପରାହ୍ଣରେ କ୍ୟାବିନେଟ୍ ନିଷ୍ପତ୍ତି ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବ । ଆଜି ସନ୍ଧ୍ୟାରେ ମଧ୍ୟ ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ୍ ବୈଠକ ବସିବାର ସମ୍ଭାବନା ରହିଛି ।

---

# ଚାର୍ ଧାମ୍ ଯାତ୍ରା

ଅକ୍ଷୟ ତୃତୀୟା ଅବସରରେ ଚାରିଧାମ ଯାତ୍ରା ଆଜି ଠାରୁ ଆରମ୍ଭ ହୋଇଛି । ଉତ୍ତର କାଶୀ ଜିଲ୍ଲାରେ ଅବସ୍ଥିତ ଗଙ୍ଗୋତ୍ରୀ ଓ ଯମୁନେତ୍ରୀ ମନ୍ଦିରର ଦ୍ୱାର ଖୋଲିବା ସହିତ ଏହି ଯାତ୍ରା ଆରମ୍ଭ ହୋଇଛି । ବୈଦିକ ଶ୍ଳୋକ ଓ ଅନ୍ୟାନ୍ୟ ଧାର୍ମିକ ରୀତିନୀତି ମଧ୍ୟରେ ଦ୍ୱାର ଖୋଲାଯାଇଥିଲା । ଗଙ୍ଗୋତ୍ରୀ ଏବଂ ଯମୁନେତ୍ରୀ ଧାମରେ ପୂଜାର୍ଚ୍ଚନା କରିବା ପାଇଁ ଦେଶର ବିଭିନ୍ନ ପ୍ରାନ୍ତରରୁ ଶ୍ରଦ୍ଧାଳୁ ଉତ୍ତରକାଶୀ ଜିଲ୍ଲାରେ ପହଞ୍ଚୁଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ପୂଜାର୍ଚ୍ଚନା କରିଥିଲେ । ଆସନ୍ତା ଶୁକ୍ରବାର କେଦାରନାଥ ଧାମର ଦ୍ୱାର ଖୋଲିବାକୁ ଥିବା ବେଳେ ରବିବାର ଦିନ ବଦ୍ରିନାଥ ଧାମର ଦ୍ୱାର ଖୋଲିବ ।

ମୁକ୍‌ବା ଗ୍ରାମଠାରେ ୬ ମାସ ଶୀତକାଳୀନ ବାସଭବନରେ ରହିବା ପରେ ଗତକାଲି ଗଙ୍ଗା ଦେବୀ ଗଙ୍ଗୋତ୍ରୀ ଧାମ ଉଦ୍ଦେଶ୍ୟରେ ଯାତ୍ରା କରିଥିଲେ । ଭୈରବ ଘାଟି ସ୍ଥିତ ଭୈରବ ମନ୍ଦିର ଠାରେ ଗତ ରାତିରେ ଦେବୀଙ୍କ ବିମାନ ବିଶ୍ରାମ ପାଇଁ ଅଟକି ଥିଲା । ତୀର୍ଥ ପୁରୋହିତ ରାଜେଶ ସେମୱାଲ୍ କହିଛନ୍ତି, ଭୈରବ ଘାଟିରୁ ଗଙ୍ଗୋତ୍ରୀ ପର୍ଯ୍ୟନ୍ତ ଆଜି ଠାକୁରାଣୀଙ୍କ ବିମାନ ଶୋଭାଯାତ୍ରା ଅନୁଷ୍ଠିତ ହେଉଛି ।

ଚଳିତବର୍ଷ ଏହି ତୀର୍ଥଯାତ୍ରାକୁ ଅଧିକ ଦିବ୍ୟ ଓ ଭବ୍ୟ କରିବା ପାଇଁ ଭାରତ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି । ସୁରକ୍ଷା, ଟ୍ରାଫିକ୍, ଭିଡ଼ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବ୍ୟାପକ ବନ୍ଦୋବସ୍ତ କରିଥିବା ଜଣାପଡ଼ିଛି ।

ଚାରିଧାମ ଯାତ୍ରା ଉଦ୍‌ଘାଟନକୁ ଆକାଶବାଣୀ ପକ୍ଷରୁ ସିଧା ପ୍ରସାରଣ କରାଯାଇଛି। ଆଜି ଗଙ୍ଗୋତ୍ରୀ ଧାମ ଏବଂ ଯମୁନେତ୍ରୀ ଧାମର ସିଧାପ୍ରସାରଣ କରାଯାଇଥିବା ବେଳେ କେଦାରନାଥ ଧାମ ଖୋଲିବାର ସିଧାପ୍ରସାରଣ ମେ' ଦୁଇ ତାରିଖ ସକାଳ ୬ଟାରେ ଏବଂ ବଦ୍ରିନାଥ ଧାମ ଖୋଲିବାର ସିଧାପ୍ରସାରଣ ଆସନ୍ତା ୪ ତାରିଖ ସକାଳ ସକାଳ ସାଢ଼େ ୬ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଚାଲିବ। ଆକାଶବାଣୀର ଇନ୍ଦ୍ରପ୍ରସ୍ଥ, ଏଫ୍‌ଏମ୍ ଗୋଲ୍ଡ ଏବଂ ଆରାଧନା ଚ୍ୟାନେଲ ସହିତ ନ୍ୟୁଜ୍ ଅନ୍ ଏ.ଆଇ.ଆର୍ ଆପ୍‌ରେ ଏହା ଉପଲବ୍ଧ ହେବ। ଆଜିଠାରୁ ମେ' ମାସ ୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟା ସାଢ଼େ ୭ଟାରୁ ୭ଟା ୪୫ ପର୍ଯ୍ୟନ୍ତ ଏହି ଯାତ୍ରା ସମ୍ବନ୍ଧୀୟ ରିପୋର୍ଟ ପ୍ରସାରଣ କରାଯିବ।

# କୋଲକାତା ହୋଟେଲ୍ ଫାୟାର

ପଶ୍ଚିମବଙ୍ଗର କେନ୍ଦ୍ରୀୟ କୋଲକାତାର ମାଛୁଆ ଅଞ୍ଚଳର ଏକ ଫଳ ବଜାରରେ ଥିବା ଗୋଟିଏ ହୋଟେଲ୍‌ରେ ଗତରାତିରେ ଅଗ୍ନିକାଣ୍ଡ ଘଟି ୧୫ ଜଣଙ୍କର ମୃତ୍ୟୁ ହୋଇଛି । ପୋଲିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ଅନେକ ଲୋକଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରାତି ପ୍ରାୟ ୮ଟା ୧୫ରେ ଅଗ୍ନିକାଣ୍ଡ ଘଟିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାରଣ ଜଣାପଡ଼ି

ନାହିଁ । ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା କୋଲକାତା ପୋଲିସ୍ କମିଶନର ମନୋଜ କୁମାର ବର୍ମା କହିଛନ୍ତି ।

**V/O**

**(Manoj Kumar Burma)**

ଏହି ଘଟଣାରେ କେନ୍ଦ୍ରମନ୍ତ୍ରୀ ତଥା ପଶ୍ଚିମବଙ୍ଗ ବିଜେପି ସଭାପତି ସୁକାନ୍ତ ମଜୁମଦାର କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ରାଜ୍ୟ ପ୍ରଶାସନକୁ ଅନୁରୋଧ କରିବା ସହ ଏଭଳି ଘଟଣା ରୋକିବା ଲାଗି ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ନଜର ରଖିବାକୁ ଆହ୍ୱାନ ଦେଇଛନ୍ତି ।

# ପ୍ରେଜ୍-କୋଲକାତା ମିଶାପ୍

କୋଲକାତାର ଏକ ହୋଟେଲରେ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଃଖ ପ୍ରକାଶ କରିଛନ୍ତି । ତାଙ୍କ ବାର୍ତ୍ତାରେ ରାଷ୍ଟ୍ରପତି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ପିଏମ-କୋଲକାତା ମିଶାପ୍

କୋଲକାତାରେ ଘଟିଥିବା ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ପିଏମ୍ଓ ଇଣ୍ଡିଆ ହ୍ୟାଣ୍ଡେଲରେ ଦିଆଯାଇଥିବା ସୂଚନା ଅନୁଯାୟୀ, ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି । ଆହତମାନଙ୍କୁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ଦିଆଯିବ । ପ୍ରଧାନମନ୍ତ୍ରୀ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ପ୍ରେଜ୍-ଆନ୍ଧ୍ର ଓ୍ୱାଲ୍ କୋଲାପ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଶାଖାପଟଣା କାନ୍ଥ ଭୁଶୁଡ଼ିବା ଘଟଣାରେ ମୃତ ମହିଳାଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ରାଷ୍ଟ୍ରପତି ଏହି ଘଟଣାରେ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ପିଏମ୍-ଆନ୍ଧ୍ର ଓ୍ୱାଲ୍ କୋଲାପ୍ସ

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ କାନ୍ଥ ଭୁଶୁଡ଼ି ପଡ଼ିବା ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାର ପିଛା ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ଚିକିତ୍ସା ନିମନ୍ତେ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଛି ।

# ପିଏମ୍-ବସବେଶ୍ୱର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବାସବ ଜୟନ୍ତୀ ଅବସରରେ ଜଗତଗୁରୁ ବସବେଶ୍ୱରଙ୍କ କୃତିକୁ ସ୍ମରଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ସମାଜ ପାଇଁ ତାଙ୍କର ଦୃଷ୍ଟିକୋଣ ଏବଂ ଅବହେଳିତଙ୍କ ଉନ୍ନତି ପାଇଁ ତାଙ୍କର ଅକ୍ଲାନ୍ତ ପ୍ରୟାସ ସମସ୍ତଙ୍କୁ ମାର୍ଗଦର୍ଶନ କରୁଛି ବୋଲି କହିଛନ୍ତି ।

**V/O**

**(PM Modi- Basaba Jayanti)**

## ଅକ୍ଷୟ ତୃତୀୟା/ସିଏମ୍ କିଷାନ

ଆଜି ପବିତ୍ର ଅକ୍ଷୟ ତୃତୀୟା । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟ ତିଥିକୁ ଶୁଭଦିନ ଭାବେ ଗଣନା କରାଯାଇ ଆଜି ଭିନ୍ନ ଭିନ୍ନ ଶୁଭକାର୍ଯ୍ୟର ଆରମ୍ଭ କରାଯାଇଥାଏ । କୃଷିଭିତ୍ତିକ ଏହି ପର୍ବରେ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରିଥାନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅକ୍ଷୟ ତୃତୀୟା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମାନବିକତା ପ୍ରତି ସମର୍ପିତ ଏହି ପର୍ବ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ସଫଳତା ଆଣୁ ବୋଲି ସେ କାମନା କରିଛନ୍ତି । ବିକଶିତ ଭାରତ ଗଠନ ଦିଗରେ ସାମୂହିକ ସଂକଳ୍ପରେ ଏହି ପର୍ବ ନୂତନ ଶକ୍ତି ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଓୟୁଏଟିରେ ରାଜ୍ୟସ୍ତରୀୟ କୃଷକ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ମୁଖ୍ୟମନ୍ତ୍ରୀ ସିଏମ୍ କିଷାନ ଯୋଜନାରେ ରାଜ୍ୟର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୧ହଜାର କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି ।

---

## ପ୍ରଧାନ-ଗୁପ୍ତା ଫ୍ଲାଗ୍‌ଅପ୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି ସକାଳେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ନିମନ୍ତେ ଅନୁଷ୍ଠିତ ଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଗୋଟିଏ ଦେଶ

ଗୋଟିଏ ନିର୍ବାଚନ ସମୟର ଆବଶ୍ୟକତା । ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ଏବଂ ଭାରତକୁ ଅର୍ଥନୈତିକ  ମହାଶକ୍ତିରେ ପରିଣତ କରିବା ପାଇଁ ଉଭୟ ଜାତୀୟ ଏବଂ ରାଜ୍ୟସ୍ତରରେ ରାଜନୈତିକ ସ୍ଥିରତା ଆବଶ୍ୟକ ବୋଲି ସେ କହିଛନ୍ତି ।

**V/O**

---

# ପିଏମ୍-ମହାରାଷ୍ଟ୍ର ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଦୁଇଦିନିଆ ମହାରାଷ୍ଟ୍ର, କେରଳ, ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ । ତାଙ୍କର ପ୍ରଥମ ଦିନ ଗସ୍ତରେ ପ୍ରଧାନମନ୍ତ୍ରୀ ମୁମ୍ବାଇଠାରେ ୱାର୍ଲଡ ଅଡିଓ ଭିଜୁଆଲ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ତା' ପରଦିନ ପ୍ରଧାନମନ୍ତ୍ରୀ କେରଳ ଗସ୍ତ କରି ଭିଜିନ୍ ଜାମ୍ ଆନ୍ତର୍ଜାତିକ ଗଭୀର ଜଳ ସାମୁଦ୍ରିକ ବନ୍ଦରକୁ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ । ଏହି ବନ୍ଦର କାର୍ଯ୍ୟକ୍ଷମ ହେଲେ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଉନ୍ନତି ଘଟିବ । ଏହି ଅବସରରେ ଶ୍ରୀ ମୋଦୀ ସେଠାରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବେ । ପରେ ପ୍ରଧାନମନ୍ତ୍ରୀ ଅମରାବତୀଠାରେ ୫୮ ହଜାର କୋଟି ଟଙ୍କାର ବିବିଧ ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ କରିବେ ।

---

# ଟକ୍‌ସ ଅନ୍ ତାରିଫ

ଡୋନାଲ୍‌ଡ ଟ୍ରମ୍ପ ପ୍ରଶାସନ ସମୟରେ ଲାଗୁ ହୋଇଥିବା ଶୁଳ୍କ ବ୍ୟବସ୍ଥା ସଂପର୍କରେ ଚୂଡ଼ାନ୍ତ ଚୁକ୍ତି କରିବା ଲାଗି ଦକ୍ଷିଣ କୋରିଆ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଚଳିତ ସପ୍ତାହରେ ଆଲୋଚନା କରିବେ । ଦକ୍ଷିଣ

କୋରିଆର ବାଣିଜ୍ୟ ଶିଳ୍ପ ଓ ଶକ୍ତି ମନ୍ତ୍ରଣାଳୟ ଅନୁଯାୟୀ ୱାଶିଂଟନ୍‌ରେ ଦୁଇଦିନିଆ ବୈଷୟିକ ଆଲୋଚନା ହେବ । ଆସନ୍ତା ଜୁଲାଇ ୮ ତାରିଖରେ ଶୁଳ୍କ ବ୍ୟବସ୍ଥା ଉପରେ ୯୦ ଦିନର ବିରତି ଅବଧି ଶେଷ ହେବା ପୂର୍ବରୁ ଆମେରିକାର ନୂତନ ଶୁଳ୍କ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏକ ଦ୍ୱିପାକ୍ଷିକ, ଅର୍ଥନୈତିକ ଏବଂ ଶିଳ୍ପ ସହଯୋଗକୁ ପ୍ରୋତ୍ସାହିତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି ।

ସୂଚନାଯୋଗ୍ୟ ଗତ ସପ୍ତାହରେ ଅନୁଷ୍ଠିତ ବୈଠକରେ ଉଭୟ ଦେଶ ୪ଟି ପ୍ରମୁଖ କ୍ଷେତ୍ର, ଶୁଳ୍କ ଏବଂ ଅଣଶୁଳ୍କ ପଦକ୍ଷେପ, ଅର୍ଥନୈତିକ ନିରାପତ୍ତା, ନିବେଶ ସହଯୋଗ ଏବଂ ମୁଦ୍ରାନୀତି ଉପରେ ଆଲୋଚନା କରିଥିଲେ ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ସାଢ଼େ ସାତଟାରେ ଚେନ୍ନାଇ ସୁପର କିଙ୍ଗସ୍ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ ।

ଗତକାଲିର ଆଇପିଏଲ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍ ବିଜୟୀ ହୋଇଛି । ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍ ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ କୋଲକାତା ଦିଲ୍ଲୀ କ୍ୟାପିଟାଲ୍ସ୍‌କୁ ୧୪ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ଦିଲ୍ଲୀ କୋଲକାତାକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ କୋଲକାତା ୯ ୱିକେଟ୍ ବିନିମୟରେ ୨୦୪ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଙ୍ଗକ୍ରିସ୍ ରଘୁବଂଶି ସର୍ବାଧିକ ୪୪ରନ୍ ସଂଗ୍ରହ କରିଥିଲେ । ୨୦୫ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍ସ ୯

ୱିକେଟ୍ ବିନିମୟରେ ୧୯୦ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ଫ୍ଲାପ୍ ଡୁପ୍ଲେସିସ୍ ସର୍ବାଧିକ ୬୨ରନ୍ ଏବଂ ଅଧିନାୟକ ଅକ୍ଷର ପଟେଲ୍ ୪୩ରନ୍ ସଂଗ୍ରହ କରିଥିଲେ । କୋଲକାତା ନାଇଟ୍ ରାଇଡର୍ସ୍ ପକ୍ଷରୁ ସୁନୀଲ ନାରିନି ୩ ୱିକେଟ୍ ଏବଂ ବରୁଣ ଚକ୍ରବର୍ତ୍ତୀ ୨ଟି ୱିକେଟ୍ ହାସଲ କରିଥିଲେ । ସୁନୀଲ ନାରିନିଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

.....................................................................